**ଯୁବକଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗ**

ବଇଣ୍ଡା,(ପରିକ୍ଷିତ ସାହୁ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କୋରାବ ଗ୍ରାମର ମାମୁଲା ସିଠଙ୍କୁ ସେହି ଅଞ୍ଚଳର ଜିତେନ୍ଦ୍ର ସିଠ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନମ୍ବର ୨୧୩/୨୪ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ମାମୁଲା ହାଟପଦା ନିକଟରେ ଥିବା ଏକ ଦୋକାନରେ ବସିଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜିତେନ୍ଦ୍ର ତାଙ୍କୁ ମାଡ଼ ମାରିବା ସହ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।



# ୧୫ ଦିନ ସମୟ ନେଲା ପ୍ରଶାସନ



## ଭଡ଼ା ବୃଦ୍ଧି ଦାବିରେ ଟ୍ରକ୍ ମାଲିକଙ୍କ ଆନ୍ଦୋଳନ ପ୍ରସଙ୍ଗ

ତାଳଚେର,୫।୧୦ (ମନୋଜ ନନ୍ଦ)

କୋଇଲା ପରିବହନରେ ବର୍ଦ୍ଧିତ ଭଡ଼ା ଦାବିରେ ତାଳଚେର ଟ୍ରକ୍ ମାଲିକ ସଂଘ ପକ୍ଷରୁ ଚାଲିଥିବା ଆନ୍ଦୋଳନକୁ ଶନିବାରଠାରୁ ସାମୟିକ ପାଇଁ ସ୍ଥଗିତ ରଖାଯାଇଛି। ଦାବି ଉପରେ ଆଲୋଚନା ପାଇଁ ପ୍ରଶାସନ ୧୫ ଦିନ ସମୟ ନେଇଥିବାରୁ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଏହି ସ୍ଥଗିତ ନିଷ୍ପତ୍ତି ନିଆଯାଇଥିଲା।

ପ୍ରକାଶ ଯେ, କୋଇଲା ପରିବହନ କରୁଥିବା ଟ୍ରକ୍ ମାଲିକ ସଂଘ ପକ୍ଷରୁ ବର୍ଦ୍ଧିତ ଭଡ଼ା ଦାବିରେ ଆନ୍ଦୋଳନ ଯୋଗୁ କୋଇଲା ପରିବହନ ବାଧାପ୍ରାପ୍ତ ହୋଇଥିଲା। ଫଳରେ ତାଳଚେର ଉପଜିଲାପାଳ ସମୀର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଡକାଯାଇଥିଲା। ଏଥିରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଆଞ୍ଚଳିକ ଟ୍ରକ୍ ମାଲିକ ସଂଘ ସଭାପତି ଓ କର୍ମକର୍ତ୍ତା, ଗ୍ରାମାଞ୍ଚଳ ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା, ତାଳଚେର ଟ୍ରକ୍ ମାଲିକ ସଂଘ ସଭାପତି ଅରବିନ୍ଦ ଭୂତିଆ, କାର୍ଯ୍ୟକାରୀ ସଭାପତି ଟୁକୁନା ସ୍ୱାଇଁ, ସମ୍ପାଦକ ରତନ ଶତପଥୀ, ପରିବହନକାରୀ ସଂସ୍ଥାର ସଭାପତି ଓ କର୍ମକର୍ତ୍ତାଙ୍କ ସମେତ ରାଜ୍ୟର ବିଭିନ୍ନ କୋଇଲା ବ୍ୟବହାରକାରୀ କମ୍ପାନୀର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ବର୍ତ୍ତମାନ ପାଇଁ ୨୦୨୧ ମସିହାରେ ଧାର୍ଯ୍ୟ କରାଯାଇଥିବା ଭଡା ଚାଲୁ ରହିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ୨୦ରୁ ୨୫ ତାରିଖ ମଧ୍ୟରେ ତାଳଚେର ଅଞ୍ଚଳରୁ କୋଇଲା ପରିବହନ କରୁଥିବା ସମସ୍ତ ପ୍ଲାଣ୍ଟ ଅଧିକାରୀଙ୍କୁ ଡାକି ଆଉ ଏକ ଉଚ୍ଚସ୍ତରୀୟ ବୈଠକ କରାଯାଇ ବର୍ଦ୍ଧିତ ହୋଇଥିବା ୫୦ ଟଙ୍କା ଅଧିକ ଭଡ଼ା ଲାଗୁ ହେବା ଉପରେ ନିଷ୍ପତ୍ତି ନିଆଯିବ ବୋଲି ସ୍ଥିର କରାଯାଇଥିଲା। ଆଗକୁ ୧୫/୧୧/୨୩ରେ ଆପୋସ ବୁଝାମଣାରେ ଲାଗୁ ହୋଇଥିବା ବର୍ଦ୍ଧିତ ଭଡ଼ା ଅନୁଯାୟୀ ଭଡ଼ା ଧାର୍ଯ୍ୟ କରାଯିବ ବୋଲି ଟ୍ରକ୍ ମାଲିକ ସଂଘ ତରଫରୁ କୁହାଯାଇଛି। ଏହା ଅସ୍ଥାୟୀ ଭାବେ ଆଗାମୀ ବୈଠକ ପର୍ଯ୍ୟନ୍ତ ଚାଲୁ ରହିବ। ଉପଜିଲାପାଳଙ୍କ ଅନୁରୋଧକୁ ସମ୍ମାନ ଜଣାଇ ଚାଲିଥିବା ଆନ୍ଦୋଳନକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ୧ ଲକ୍ଷ ୨୦ ହଜାର ଚାଷୀଙ୍କୁ ମିଳିଲା ପିଏମ୍ କିଷାନ ସହାୟତା

ଅନୁଗୋଳ,୫।୧୦(ମାନସ ବିଶ୍ୱାଳ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ମହାରାଷ୍ଟ୍ରର ୱାସିମ୍ ସହର ଠାରେ ଆୟୋଜିତ ସମାରୋହରେ ଯୋଗଦେଇ ପିଏମ୍ କିଷାନ ସମ୍ମାନ ନିଧି ଯୋଜନାର ୧୮ ତମ କିସ୍ତି ପ୍ରଦାନ କରିଛନ୍ତି। ଏହି ଯୋଜନାରେ ଦେଶର ୯ କୋଟି ୪୦ ଲକ୍ଷ ଚାଷୀଙ୍କୁ ୨୦ ହଜାର କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମକୁ ଅନୁଗୋଳ ଜିଲାର ଶତାଧିକ ଚାଷୀ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷଠାରେ ଆଭାସି ମାଧ୍ୟମରେ ଦେଖିଥିଲେ। ଏହି ଯୋଜନାରେ ଅନୁଗୋଳ ଜିଲାର ୧ ଲକ୍ଷ ୨୦ ହଜାର ୫୧୬ ଜଣ ଚାଷୀ ଉପକୃତ ହୋଇଥିବା ଜିଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଦେବାଶିଷ ମିଶ୍ର, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଅମ୍ବର ଲୁଗୁନ୍, ପ୍ରାଣୀ ବିଭାଗ ସହାୟକ ନିର୍ଦ୍ଦେଶକ ନିଗମାନନ୍ଦ ପାଢ଼ି, ଜିଲା ମତ୍ସ୍ୟ ଅଧିକାରୀ କୁଅଁର ମାଣ୍ଡି, ସହାୟକ କୃଷି ଅଧିକାରୀ ଚିନ୍ମୟୀ ରାୟ ଓ ସହାୟକ କୃଷି ନିର୍ଦ୍ଦେଶକ ପ୍ରଭାତୀ ରାମ ପ୍ରମୁଖ ଯୋଗ ଦେଇଥିଲେ।



କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଆଭାସି ମାଧ୍ୟମରେ ପିଏମ୍ କିଷାନ ସମ୍ମାନ ନିଧି ଯୋଜନାର ପ୍ରସାରଣ କରାଯାଉଛି।

# ଓଟିପି ନ ଦେବାକୁ ପରାମର୍ଶ



## ଆମ ପୋଲିସ ସମିତି ବୈଠକରେ ସଚେତନ କଲା ପୋଲିସ

ବଇଣ୍ଡା,୫।୧୦ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପରିସରରେ ଶନିବାର ଠାକୁରଗଡ଼ ପୋଲିସ ପକ୍ଷରୁ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ନଟବର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆଠମଲ୍ଲିକ ଏସ୍‌ଡିପିଓ ବାଳକୃଷ୍ଣ କଅଁର, ଆଠମଲ୍ଲିକ ଥାନା ଆଇଆଇସି ବେହେରା, ଗ୍ରାମ ସଭାପତି ଯୋଗେଶ୍ୱର ସାହୁ, ଭଗବାନ ସାହୁ, ସନ୍ତୋଷ କୁମାର ସାହୁ, ଶତ୍ରୁଘ୍ନ ସାହୁ, ବସନ୍ତ କୁମାର ସାହୁ, ଗଣେଶ୍ୱର ଖୁଣ୍ଟିଆ, ସୁଜିତ ଦେହୁରୀ, ଲୋକନାଥ ରାଉତ, ହେମନ୍ତ ଖୁଣ୍ଟିଆଙ୍କ ସମେତ ଆଖପାଖ ଅଞ୍ଚଳର ବହୁ ଲୋକ ଯୋଗ ଦେଇଥିଲେ। ଏଥିରେ ସାଇବର ଅପରାଧ ସମ୍ପର୍କରେ ଲୋକେ ପୋଲିସର ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ପୋଲିସ ପକ୍ଷରୁ ଲୋକଙ୍କୁ ଏ ନେଇ ସଚେତନ କରାଯାଇଥିଲା। ସାଇବର ଅପରାଧୀମାନେ ଓଟିପି ମାଗି ସମସ୍ତ ଟଙ୍କା ଆକାଉଣ୍ଟରୁ ନେଇ ଯାଉଛନ୍ତି। ତେଣୁ ଓଟିପି କାହାକୁ ନ ଦେବାକୁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ସେହିପରି ଟ୍ରାଫିକ, ଜମି ସମସ୍ୟା, ଗାଡ଼ିମୋଟର ଯାଞ୍ଚ, ଛାତ୍ରୀଛାତ୍ରମାନେ ବିନା ଲାଇସେନ୍ସରେ ବାଇକ୍ ଚଳାଇବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ସରକାରୀ ନିୟମ ମାନି ଚଳିବା ପାଇଁ ପରାମର୍ଶ ଦିଆଯାଇଥିଲା।



# ସାମ୍ବାଦିକତା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ

## ଏକାଦଶାହରେ ଖବରଦାତା ସଚ୍ଚିଦାନନ୍ଦଙ୍କ ସ୍ମୃତିଚାରଣ



ପବିତ୍ରନଗର,୫।୧୦(ନିରୋଜ କୁମାର ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକର ଧରିତ୍ରୀ ଖବରଦାତା ସଚ୍ଚିଦାନନ୍ଦ ପ୍ରଧାନଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ବଡ଼ହୀରାସ୍ଥିତ ତାଙ୍କ ବାସଭବନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କଣିହାଁ ପ୍ରେସ୍ କ୍ଲବ ତରଫରୁ ଆୟୋଜିତ ଏହି ସଭାରେ ସଭାପତି ଭୂପେନ ଗଡ଼ନାୟକ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ରଞ୍ଜନ ମିଶ୍ର ପରିଚାଳନା କରିଥିଲେ। ଏଥିରେ ପୂର୍ବତନ ଏମ୍‌ପି ମହେଶ ସାହୁ ଯୋଗଦେଇ ଦିବଙ୍ଗତ ଖବରଦାତା ସଚ୍ଚିଦାନନ୍ଦଙ୍କ ବ୍ୟକ୍ତିଗତ ଜୀବନଶୈଳୀ, ସମଭାବାପନ୍ନ ସମ୍ପର୍କ, ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସହଯୋଗ, ସାମ୍ବାଦିକତା କ୍ଷେତ୍ରରେ ଅତୁଳନୀୟ ଅବଦାନ ଅନୁଗୋଳ ଜିଲାରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା ବୋଲି ମତପ୍ରକାଶ କରିବା ସହ ସମବେଦନା ଜ୍ଞାପନ କରିଥିଲେ। ଶିକ୍ଷାବିତ୍ ଡ. ମହେଶ୍ୱର ପ୍ରଧାନ ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କ ନିରାଡ଼ମ୍ବର ଜୀବନଯାପନକୁ ପ୍ରଶଂସା କରିବା ସହିତ ସମାଜର ବିଭିନ୍ନ ସମସ୍ୟାକୁ ନିର୍ଭିକ ଭାବରେ ପରିବେଷଣ କରି ପ୍ରଶାସନକୁ ଚାପଗ୍ରସ୍ତ କରି ସମାଧାନ କରିବାରେ ସେ ସିଦ୍ଧହସ୍ତ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ପ୍ରେସ କ୍ଲବର ସମସ୍ତ ସଦସ୍ୟ ଓ ବିଭିନ୍ନ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ସଚ୍ଚିଦାନନ୍ଦଙ୍କ ସ୍ମୃତି ଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, ପୂର୍ବତନ ଅଧ୍ୟକ୍ଷା ମଞ୍ଜୁଲତା ପ୍ରଧାନ, ବରିଷ୍ଠ ଖବରଦାତା ଡ. ରଶ୍ମିରଞ୍ଜନ ମିଶ୍ର, ସାମାଜିକ କର୍ମୀ କ୍ଷୀରୋଦ ସାହୁ, ପ୍ରିୟମାଧବ ଦାସ, ଚିତ୍ତରଞ୍ଜନ ପାଣି, ଅଜିତ ଧଳ, ଧନେଶ୍ୱର ମହାନ୍ତି, ସୀମାଞ୍ଚଳ ସାବତ, କଷ୍ଟୁଚରଣ ସାମଲ, ଅଲେଖ ଭୂତିଆ, ନୀଳକଣ୍ଠ ବେହେରା, ନିରୋଜ ପ୍ରଧାନ, ଟୁନା ସାହୁ, ଜ୍ୟୋତିରଞ୍ଜନ ଧର, ଭାଗୀରଥି ସାହୁ, ମହେଶ୍ୱର ନାଏକ, ସତ୍ୟାନନ୍ଦ ପ୍ରଧାନ, ଯୁଗଳ କିଶୋର ସାହୁ, ରୁଦ୍ର ମୋହନ ଗଡ଼ନାୟକ, ଜଳଧର ବେହେରା, ଲକ୍ଷ୍ମୀଧର ସାହୁ, ଶିଶିର ସାମଲ, ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ କଣିହାଁ ସଭାପତି ବିନାୟକ ପ୍ରଧାନ, ସମ୍ପାଦକ କ୍ଷୀରସିନ୍ଧୁ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଦେବଦତ୍ତ ପ୍ରସାଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ତାଳଚେରରେ ଶାରଦୀୟ ନବରାତ୍ର ପୂଜା



ତାଳଚେର,୫।୧୦(ମନୋଜ ନନ୍ଦ): ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଗୋପାଳପ୍ରସାଦ ପୀଠ ପରିସରରେ ପ୍ରସିଦ୍ଧ ଶାରଦୀୟ ନବରାତ୍ର ପୂଜା ମହାଆଡମ୍ବରରେ ଅନୁଷ୍ଠିତ ହେଉଛି। ୧୦ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ପୂଜାର ଶନିବାର ତୃତୀୟ ଦିବସରେ ଚନ୍ଦ୍ରଘଣ୍ଟାଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହାସହିତ ପ୍ରତ୍ୟହ ମା'ଙ୍କ ପୀଠ ପରିସରରେ ହୋମ, ଯଜ୍ଞ ଆଦି ଅନୁଷ୍ଠାନ ପାରମ୍ପରିକ ବିଧିବିଧାନ ଅନୁଯାୟୀ ସମ୍ପନ୍ନ କରାଯାଉଛି। ସ୍ୱାମୀ ଧୀରେନ୍ ଚୈତନ୍ୟ ମହାରାଜଙ୍କ ଆବାହକତ୍ୱରେ ପଣ୍ଡିତ ସୁରେଶ ଚନ୍ଦ୍ର ଧର ଯଜ୍ଞକାର୍ଯ୍ୟ ପରିଚାଳନା କରୁଛନ୍ତି। ନବରାତ୍ର ପୂଜାର ପ୍ରଥମ ଦିବସରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ନବରାତ୍ର ପୂଜାର ଚତୁର୍ଥ ଦିବସରେ କୁଷ୍ମାଣ୍ଡା, ପଞ୍ଚମ ଦିବସରେ ସ୍କନ୍ଦମାତା, ଷଷ୍ଠ ଦିବସରେ କାତ୍ୟାୟନୀ ପୂଜନ, ସପ୍ତମ ଦିବସରେ କାଳରାତ୍ରୀ ପୂଜନ, ଅଷ୍ଟମ ଦିବସରେ ମହାଗୌରୀ ପୂଜନ, ନବମ ଦିବସରେ ସିଦ୍ଧିଦାତ୍ରୀ ପୂଜନ, ଦଶମ ଦିବସରେ ଅପରାଜିତା ପୂଜନ, ଆରତି ଓ ପୂର୍ଣ୍ଣାହୁତି ଆଦି ପାରମ୍ପରିକ ବିଧିବିଧାନ ଅନୁଯାୟୀ ପାଳନ କରାଯିବ। ସେହିପରି ତାଳଚେର ସାଉଥବଲଣ୍ଡାସ୍ଥିତ ଦୁର୍ଗାମନ୍ଦିର ପରିସରରେ ମଧ୍ୟ ନବରାତ୍ର ପୂଜା ପାଳିତ ହେଉଛି। ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ ପୌରୋହିତ୍ୟରେ ମା'ଙ୍କ ମନ୍ଦିରରେ ପ୍ରତ୍ୟହ ସୂର୍ଯ୍ୟପୂଜା, ମଙ୍ଗଳ ଆଳତି, ଘଟ ପୂଜା, ମଣ୍ଡଳ ପୂଜା ସହ ହୋମଯଜ୍ଞ ଓ ଚଣ୍ଡୀ ପାଠ ଆଦି କରାଯାଉଛି।

# ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାର ସ୍ଥାୟୀ ସମାଧାନ ଦାବି

ଅନୁଗୋଳ,୫।୧୦(ମାନସ ବିଶ୍ୱାଳ)

ଅନୁଗୋଳ କଲେଜ ଛକ ନିକଟସ୍ଥ ନବଜୀବନ ମଣ୍ଡଳ ପରିସରରେ ଜିଲାର ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାର ସ୍ଥାୟୀ ସମାଧାନ ଦାବିରେ ଶୁକ୍ରବାର ଏକ ଛାତ୍ର ସମ୍ମିଳନୀ ଏଆଇଡିଏସ୍‌ଓ ଅନୁଗୋଳ ଜିଲା କମିଟି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ଜିଲା ସଭାପତି ପରମାନନ୍ଦ ସାହୁଙ୍କ ପରିଚାଳନାରେ ଆୟୋଜିତ ଏହି ସମ୍ମିଳନୀରେ ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ରଥ ଯୋଗଦେଇ ସାମ୍ପ୍ରତିକ ଶିକ୍ଷା ସମସ୍ୟା ଉପରେ ଆଲୋକପାତ କରିବା ସହ ଛାତ୍ରୀଛାତ୍ରଙ୍କୁ ସଙ୍ଗଠିତ ହେବାକୁ ଆହ୍ୱାନ ଦେଇଥିଲେ। ଏଥିସହିତ ଶିକ୍ଷା ଅନୁଷ୍ଠାନ କ୍ୟାମ୍ପସ ଓ ବାହାରେ ଛାତ୍ରୀ ତଥା ମହିଳାମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା, ଶିକ୍ଷା କ୍ଷେତ୍ରରେ ଫି ବୃଦ୍ଧି ବନ୍ଦ କରିବା, ସରକାରୀ ଶିକ୍ଷାକୁ ସୁରକ୍ଷିତ କରିବା, ସମସ୍ତ ଶିକ୍ଷାନୁଷ୍ଠାନରେ ଶିକ୍ଷକ, ଅଧ୍ୟାପକ, ଶିକ୍ଷା କର୍ମଚାରୀ ପଦବୀ ସ୍ଥାୟୀ ଭିତ୍ତିରେ ପୂରଣ କରିବା, ବନ୍ଦ ହୋଇଥିବା ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟ ତୁରନ୍ତ ଖୋଲିବା, ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ, ସାମ୍ପ୍ରଦାୟୀକରଣ, ଜାତୀୟ ଶିକ୍ଷାନୀତି–୨୦୨୦କୁ ସମ୍ପୂର୍ଣ୍ଣ ବାତିଲ କରିବା, ଏନଟିଏକୁ ରଦ୍ଦ କରିବା ଓ ପରୀକ୍ଷା ପରିଚାଳନାରେ ସମସ୍ତ ଅନିୟମିତତା ଦୂର କରିବା ଆଦି ଦାବି ରଖିଥିଲେ। ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ମଧୁସୂଦନ ବାଗ ସରକାରଙ୍କ ଶିକ୍ଷା ମାରଣା ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଜିଲା ସମ୍ପାଦକ ନାରାୟଣ ନାୟକ, ସଙ୍ଗଠିକା ସରୋଜିନୀ ବେହେରା, ନିରୂପମା ନାୟକ, ଏଲିସା ଶୁଭଦର୍ଶିନୀ ପ୍ରମୁଖ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ବିକଳ ଚିତ୍ରକୁ ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ। ଉପରୋକ୍ତ ଦାବି ନେଇ ସଙ୍ଗଠନ ପକ୍ଷରୁ ଆସନ୍ତା ୨୯ ତାରିଖରେ ଭୁବନେଶ୍ୱରଠାରେ ଏକ ଛାତ୍ର ବିକ୍ଷୋଭ ସହ ନଭେମ୍ବରରେ ଦିଲ୍ଲୀରେ ହେବାକୁ ଥିବା ସର୍ବଭାରତୀୟ ଛାତ୍ର ସମ୍ମିଳନୀକୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା।



# କୁକୁଡ଼ା ଭାଡ଼ିରୁ ଅଜଗର ଉଦ୍ଧାର

ଅନୁଗୋଳ,୫।୧୦(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଲିପଟା ଗାଁର ହେମନ୍ତ ପ୍ରଧାନଙ୍କ କୁକୁଡ଼ା ଭାଡ଼ିରେ ପଶିଥିବା ଏକ ଅଜଗରକୁ ଶୁକ୍ରବାର ଉଦ୍ଧାର କରାଯାଇଛି। ଅଜଗରଟି ଭାଡ଼ିରେ ପଶି ୨ଟି କୁକୁଡ଼ା ଗିଳିଥିବା ହେମନ୍ତ ଦେଖିଥିଲେ। ଏହାପରେ ଗ୍ରାମବାସୀ ଜରପଡା ବନାଞ୍ଚଳ ଅଧିକାରୀଙ୍କୁ ଫୋନ ଯୋଗେ ଜଣାଇଥିଲେ। ଦୀର୍ଘସମୟ ପରେ ମଧ୍ୟ ବନ ବିଭାଗ କର୍ମଚାରୀ ନ ପହଞ୍ଚିବାରୁ ଗ୍ରାମବାସୀ ସର୍ପ ମିତ୍ର ଆଦିତ୍ୟ ବେହେରାଙ୍କୁ ଖବର ଦେଇଥିଲେ। ଆଦିତ୍ୟ ଘଟଣାସ୍ଥଳରେ ପହଞ୍ଚି ଭାଡ଼ି ଭିତରୁ ସୁରକ୍ଷିତ ଭାବେ ସାପଟିକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଥିଲେ।



କୁକୁଡ଼ା ଭାଡ଼ି ଭିତରୁ ଉଦ୍ଧାର ହୋଇଥିବା ଅଜଗର।

# ଆବଶ୍ୟକ ଭିତ୍ତିଭୂମି ଯୋଗାଇବାକୁ ବିଧାୟକଙ୍କ ପ୍ରତିଶ୍ରୁତି




## ମହିଳା ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ଅନୁଗୋଳ,୫।୧୦ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ମହିଳା ମହାବିଦ୍ୟାଳୟଠାରେ ଶୁକ୍ରବାର ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପୌର ଉପାଧ୍ୟକ୍ଷା ଅନୁପମା ସାହୁ ଯୋଗ ଦେଇଥିଲେ। କଲେଜ ଅଧ୍ୟକ୍ଷ ହୃଷୀକେଶ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଡ. ପ୍ରବୋଦା କୁମାରୀ ପାଢ଼ୀ ବିବରଣୀ ପାଠ କରି କରିବା ସହ ବର୍ତ୍ତମାନ କଲେଜରେ ୧୫୦୦ରୁ ଅଧିକ ଛାତ୍ରୀ ପଢୁଥିବା ବେଳେ ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ କଲେଜରେ ଥିବା ସମସ୍ୟାକୁ ସ୍ୱୀକାର କରିବା ସହ ଟିଣ ଛପର ତଳେ ଛାତ୍ରୀମାନେ ପଢୁଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। କଲେଜର ଟିଣ ଛପରଗୁଡିକ ବଦଳାଯାଇ ଛାତ ଘର କରାଯିବ ବୋଲି କହିବା ସହ ବିଧାୟକଙ୍କ ପାଣ୍ଠି ଅର୍ଥରୁ ଏକ ପିଇବା ପାଣି ଟାଙ୍କି ଓ ଗେଟ ତିଆରି କରାଯିବାର ବ୍ୟବସ୍ଥା ହେବ ବୋଲି ସୂଚନା ଦେଇଥିଲେ। କଲେଜ ପରିବେଶ ପରିଷ୍କାର ରଖିବାକୁ ଅଧ୍ୟକ୍ଷଙ୍କୁ ଅନୁରୋଧ କରିଥିଲେ। ଏପରି କି ପାଠପଢ଼ା ପାଇଁ ଉପଯୁକ୍ତ ଭିତ୍ତିଭୂମି ସୃଷ୍ଟି ତାଙ୍କ ଦାୟିତ୍ୱ ବୋଲି କହିବା ସହ ଭଲ ପଢ଼ିବାକୁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ।



# ଲୋକନୃତ୍ୟ ଆଣିଥିବା କମିଟିକୁ ପୁରସ୍କୃତ କରାଯିବ

## ଏସ୍‌ପିଙ୍କ ସହ କେନ୍ଦ୍ରୀୟ ପୂଜା କମିଟି କର୍ମକର୍ତ୍ତାଙ୍କ ବୈଠକ

ଅନୁଗୋଳ,୫।୧୦ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ପୋଲିସ ମୁଖ୍ୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ଏସ୍‌ପି ଓ କେନ୍ଦ୍ରୀୟ ପୂଜା କମିଟି କର୍ମକର୍ତ୍ତାଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପାର୍ବଣକୁ କିପରି ଶୃଙ୍ଖଳାରେ ପାଳନ କରାଯିବ ସେ ବିଷୟରେ କେନ୍ଦ୍ରୀୟ ପୂଜା କମିଟି କର୍ମକର୍ତ୍ତାଙ୍କ ସହ ଏସ୍‌ପି ରାହୁଲ ଜୈନ ଆଲୋଚନା କରିଥିଲେ। ଦୂରରୁ ଆସୁଥିବା ଛୋଟ ବ୍ୟବସାୟୀ କିପରି ଭଲରେ ବ୍ୟବସାୟ କରି ଉପକୃତ ହେବା ସହ ଅନୁଗୋଳକୁ ଆଉ ଥରେ ଆସିବେ ସେ ସମ୍ପର୍କରେ ଏସ୍‌ପି କହିଥିଲେ। ତେବେ ନିର୍ଦ୍ଧାରିତ ସମୟ ସୀମା ବଢ଼ାଇବାକୁ କମିଟି କର୍ମକର୍ତ୍ତାମାନେ ଅନୁରୋଧ କରିବାରୁ ପରବର୍ତ୍ତୀ ସମୟରେ ଆଲୋଚନା କରି ପଦକ୍ଷେପ ନିଆଯିବ ଏସ୍‌ପି କହିଥିଲେ। ପୂଜା ଉତ୍ସବକୁ ଉପଭୋଗ କରିବା ପାଇଁ କଟକଣା କମ୍ ଓ ଲୋକଙ୍କ ଭାବାବେଗକୁ ଅଧିକ ଗୁରୁତ୍ୱ ଦିଆଯିବ। ଲୋକଙ୍କ ସୁବିଧା ପାଇଁ ପୋଲିସ ପକ୍ଷରୁ ଏକ ରୋଡ୍ ମ୍ୟାପ କରାଯିବ, ଯେଉଁଥିରେ ଅନୁଗୋଳକୁ ବାହାରୁ ଆସୁଥିବା ଲୋକମାନେ ସୁବିଧାରେ ପୂଜା ବୁଲି ଦେଖିବା ସହ ସୁରକ୍ଷିତ ଭାବେ ଘରକୁ ଫେରିପାରିବେ। ଲୋପ ପାଇଯାଉଥିବା ଲୋକନୃତ୍ୟକୁ ଭସାଣି ଉତ୍ସବରେ ସାମିଲ କରିବାକୁ ପୂଜା କମିଟିଗୁଡ଼ିକୁ କୁହାଯାଇଛି। ଯେଉଁ କମିଟି ଭଲ ଲୋକନୃତ୍ୟ ଆଣିଥିବେ ଭସାଣି ଉତ୍ସବରେ ଉକ୍ତ କମିଟିକୁ ପୋଲିସ ପକ୍ଷରୁ ପୁରସ୍କୃତ କରଯିବ। ପୋଲିସ ସହ ସହମତି ରକ୍ଷା କରି ପୂଜା ଉତ୍ସବକୁ ଆଗେଇ ନେବାକୁ ଏସ୍‌ପି ଅନୁରୋଧ କରିଥିଲେ।



ବୈଠକରେ ଏସ୍‌ପି ରାହୁଲ ଜୈନଙ୍କ ସହ କେନ୍ଦ୍ରୀୟ ପୂଜା କମିଟି କର୍ମକର୍ତ୍ତାମାନେ।

**ଜଳିଗଲା ୨ ବଖରା ଘର**

ପରଜଙ୍ଗ (ନିଗମାନନ୍ଦ ଦଳବେହେରା): ପରଜଙ୍ଗ ଥାନା ରୋଡ଼ ଗାଁରେ ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ୨ବଖରା ଘର, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳି ପୋଡି ନଷ୍ଟ ହୋଇଯାଇଛି। ଗାଁର ପ୍ରସନ୍ନ ପୃଷ୍ଟିଙ୍କ ଘରେ କୌଣସି କାରଣ ବଶତଃ ଅଗ୍ନିକାଣ୍ଡ ଘଟିଥିଲା। ଫଳରେ ନଗଦ ୯୦ ହଜାର ଟଙ୍କା ଆସବାସପତ୍ର ଜାଳିପୋଡି ପାଉଁଶ ହୋଇଯାଇଛି। ଖବର ପାଇ ପରଜଙ୍ଗ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲା।



## ପୂର୍ବତନ ଆର୍‌ଆଇ ପୁଣି ଜେଲ ଗଲେ

ଢେଙ୍କାନାଳ,୫ା୧୦(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ତହସିଲର ନିଲମ୍ବିତ ରାଜସ୍ୱ ନିରୀକ୍ଷକ ବରୁଣ ଜେନାଙ୍କୁ ଶୁକ୍ରବାର ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ଭିଜିଲାନ୍ସ ବିଭାଗ ଗିରଫ କରି ଶନିବାର ଢେଙ୍କାନାଳଠାରେ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆସନ୍ତା ୨୨ ତାରିଖରେ ତାଙ୍କର ପରବର୍ତ୍ତୀ ଶୁଣାଣି ହେବ ବୋଲି ଜଣାପଡିଛି । ଗତ ସେପ୍ଟେମ୍ବର ୧୭ ତାରିଖରେ ସଦର ଆରଆଇ ଭାବେ କାର୍ଯ୍ୟରତ ଥିବା ବରୁଣ ଜେନା ଏକ ଜମି କିସମ ପରିବର୍ତ୍ତନ ପାଇଁ ୩୦ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଏହାପରେ ତାଙ୍କୁ କୋର୍ଟଚାଲାଣ କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା' ସେହି ମାମଲାରେ ଶୁକ୍ରବାର ବରୁଣ ଜାମିନରେ ଜେଲରୁ ବାହାରିବା ମାତ୍ରେ ଆୟ ବର୍ହିର୍ଭୂତ ସମ୍ପତି ଠୁଳ ଅଭଯୋଗରେ ଭିଜିଲାନ୍ସ ବିଭାଗ ତାଙ୍କୁ ମାଡି ବସିଥିଲେ। ଆୟ ବର୍ହିଭୁତ ସମ୍ପତି ମାମଲାରେ ବରୁଣଙ୍କର ୩୮ଲକ୍ଷ ୨୨ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଜମିଜମା, ବ୍ୟାଙ୍କ ଡିପୋଜିଟ୍, ଘର ଆଦି ସମ୍ପତି ରହିଥିବା ଜଣାପଡିଛି ।

# ଡିଜେ ସାଉଣ୍ଡ ଭାଇବ୍ରେଟର ବ୍ୟବହାର କଡ଼ାକଡ଼ି ହେବ



**ପୋଲିସ-ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ**

■ମାଦକ ଦ୍ରବ୍ୟ ଚୋରା କାରବାରକୁ ରୋକାଯିବ

ଢେଙ୍କାନାଳ,୫ା୧୦ (ରତନ ନାୟାର)

ଢେଙ୍କାନାଳ ଜିଲା କାର୍ଯ୍ୟାଳୟର ସଦଭାବନା ଗୃହଠାରେ ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶଚନ୍ଦ୍ର ସେଠୀଙ୍କ ଅଧକ୍ଷତାରେ ପୋଲିସ ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ଢେଙ୍କାନାଳ ସହ ଓ ଜିଲା ମଧ୍ୟରେ ଯେପରି ଶାନ୍ତିଶୃଙ୍ଖଳା ଓ ଆନନ୍ଦର ସହିତ ଯେପରି ପାର୍ବଣ ଋତୁ ଶେଷହେବ ସେଥିପ୍ରତି ପୋଲିସ ଅଧିକାରୀ, ଅବକାରୀ ଅଧିକ୍ଷକ, ସମସ୍ତ ଉପଜିଲାପାଳ, ତହସିଲଦାର ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଅଧିକ ଯତ୍ନବାନ ହେବାକୁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ। ଦୁର୍ଗାପୂଜା, କାଳୀପୂଜା ଓ ଲକ୍ଷ୍ମୀପୂଜା ଅବସରରେ ଡିଜେ ସାଉଣ୍ଡ ଭାଇବ୍ରେଟର ବ୍ୟବହାରକୁ କଡ଼ାକଡ଼ି କରାଯିବ । ଧାର୍ଯ୍ୟସ୍ତରଠାରୁ ଅଧିକ ଶବ୍ଦ କରି ଭାଇବ୍ରେଟର ବ୍ୟବହାର କଲେ ସମ୍ପୃକ୍ତ ମାଲିକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣୀ ପ୍ରଧାନ ପ୍ରକାଶ କରିଥିଲେ । ଗତବର୍ଷ ଏଥିନିମନ୍ତେ ୭ଜଣ ବ୍ୟାଣ୍ଡ ପାର୍ଟି ମାଲିକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ବୋଲି ସୂଚନା ଦେଇଥିଲେ । କୌଣସି ପ୍ରକାର ବିଶୃଙ୍ଖଳା ଓ ଅପରାଧକୁ ପ୍ରତିହତ କରିବା ପାଇଁ ୧୦୮ଜଣ ଅଭ୍ୟାସଗତ ଅପରାଧୀଙ୍କୁ ବାଉଣ୍ଡ ଡାଉନ ଜାରି ହୋଇଛି । ସେହିପରି ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ଯୋଗୁ ଚଳିତବର୍ଷ ସେପ୍ଟେମ୍ବର ମାସ ସୁଦ୍ଧା ୧୨୪୨ଟି କେସ୍ ରେକର୍ଡ ହୋଇଥିବା ବେଳେ ୫୦୩୫ଜଣଙ୍କ ନାମରେ କେସ୍ ରୁଜୁ ହୋଇଥିବା ଜଣାଯାଇଛି । ଢେଙ୍କାନାଳରେ ଲକ୍ଷ୍ମୀପୂଜା, କାମାକ୍ଷାନଗରରେ ଦୁର୍ଗାପୂଜା ଓ ଭୁବନରେ ବଳଦ ଯାତ୍ରା ସମୟରେ ମାଦକ ଦ୍ରବ୍ୟର ଚୋରା କାରବାର ରୋକିବା, ନିଶାଖୋରଙ୍କୁ ଜବତ କରିବା ନିମନ୍ତେ ଅଧିକ ସଜାଗ ରହିବାକୁ ଅବକାରୀ ଅଧୀକ୍ଷକଙ୍କୁ କୁହାଯାଇଥିଲା । ବାହାର ରାଜ୍ୟରୁ ଆସି ଦୀର୍ଘ ସମୟ ଧରି ରହୁଥିବା ବ୍ୟକ୍ତି ଓ ପରିବାରଙ୍କୁ ଚିହ୍ନଟ କରାଯିବ । ପାର୍ବଣ ସମୟରେ ହାତୀ ଚଳପ୍ରଚଳ ଓ ଆକ୍ରମଣ ପ୍ରତି ଅଧିକ ସତର୍କତା ଅବଲମ୍ବନ କରାଯିବ । ଭାରୀଯାନ ଚଳାଚଳ ନିୟନ୍ତ୍ରଣ, ଟ୍ରାଫିକ ନିୟମ ଉଲ୍ଲଂଘନ ପାଇଁ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ବୈଠରେ ସଦର ଉପଜିଲାପାଳ ବିବୁଧ ଗଡନାୟକ, କାମାକ୍ଷାନଗର ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ, ହିନ୍ଦୋଳ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## 'ଆମ ପ୍ରତିଭା ଆମ ସମ୍ମାନ' ପକ୍ଷରୁ ବାଜି ରାଉତଙ୍କ ଜୟନ୍ତୀ ପାଳିତ




ଢେଙ୍କାନାଳ,୫ା୧୦(ରତନ ନାୟାର)

ଢେଙ୍କାନାଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆମ ପ୍ରତିଭା ଆମ ସମ୍ମାନ' ପକ୍ଷରୁ ଶହୀଦ ବାଜି ରାଉତଙ୍କ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ପୂର୍ବତନ ଏମ୍‌ପି ମହେଶ ସାହୁଙ୍କ ପରାମର୍ଶ କ୍ରମେ ଅନୁଷ୍ଠାନର କୋଷାଧ୍ୟକ୍ଷ ରୁଦ୍ରାନ୍ତ ଦଳେଇଙ୍କ ନେତୃତ୍ୱରେ ଶତାଧିକ ସଦସ୍ଯ ବାଜିଚୌକସ୍ଥିତ ସହୀଦ ମୀନାର ଠାରେ ଉପସ୍ଥିତ ରହି ବାଜି ରାଉତଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ପୂର୍ବତନ କାଉନ୍‌ସିଲର ଶ୍ରମିକ ନେତା ପ୍ରଭାକର ରାଉତ, ଆଇନ୍‌ଜୀବି ଗୁପ୍ତେଶ୍ୱର ମିଶ୍ର, ସଦାଶିବ ମହାପାତ୍ର, ଶ୍ଯାମସୁନ୍ଦର ସାହୁ, ଦୁଷ୍ମନ୍ତ ମହାନ୍ତି, ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ, ନଜ୍ଜୁ ମହମ୍ମଦ, ସାଗିର୍ ମହମ୍ମଦ, ବିନୋଦ ମହାନ୍ତି, ସ୍ୱରୁପାନନ୍ଦ ଦାସ, ରାଜୁନ୍ ଖାଁ, ଭରତ ଦାସ, ଅନିଲ୍ ରାଉତ, ଗଙ୍ଗା ରାଉତ, ରାଜେନ୍ଦ୍ର ଦାସ, ରଶ୍ମିନାରାୟଣ ସାହୁ, ଅଜୟ ରାଉତ, ଦିଲ୍ଲୁ ବେହେରା, ପ୍ରଶାନ୍ତ ଜେନା ପ୍ରମୁଖ ସାମିଲ୍ ଥିଲେ ।

## ରୋଡ୍ ଡିଭାଇଡର ଡେଇଁ କାରକୁ ପିଟିଲା କାର, ୨ ଗୁରୁତର

**୫୫ନଂ ଜାତୀୟ ରାଜପଥରେ ଦୁର୍ଘଟଣା ପିଛା ଛାଡୁନି**

ଢେଙ୍କାନାଳ,୫ା୧୦(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ଗୋବିନ୍ଦପୁର ଫାଣ୍ଡି ୫୫ନଂ ଜାତୀୟ ରାଜପଥର କଣ୍ଟେଇକୋଳିଆ ନିକଟରେ ଶନିବାର ଅପରାହ୍ନ ପ୍ରାୟ ୪ଟା ସମୟରେ ଦୁଇଟି କାର ମଧ୍ୟରେ ଧକ୍କାଲାଗି ଦୁଇଜଣ ଗୁରୁତର ଆହତ ହୋଇଛନ୍ତି । କଟକକୁ ଢେଙ୍କାନାଳ ଆଡକୁ ଆସୁଥିବା ଏକ ଧଳା ରଙ୍ଗର କାର ୫୫ନଂ ଜାତୀୟ ରାଜପଥର ରୋଡ୍ ଡିଭାଇଡର ଡେଇଁ ଅପରପାର୍ଶ୍ୱରେ ରାଜପଥରେ କଟକ ଯାଉଥିବା ଏକ କଳା ରଙ୍ଗର କାର ସହ ଧକ୍କା ଲାଗିଥିଲା। ଏହି ଦୁର୍ଘଟଣାରେ ଦୁଇ ଗାଡିରେ ଯାଉଥିବା ଦୁଇଜଣ ଗୁରତର ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଆହତଙ୍କ ମଧ୍ୟରୁ ଜଣଙ୍କୁ କଟକ ପଠାଯାଇଛି। ଗୋବିନ୍ଦପୁର ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଁଚି ଦୁଇ କାରକୁ ଜବତ କରି ଫାଣ୍ଡିକୁ ନେବା ସହିତ ତଦନ୍ତ ଜାରି ରଖିଛନ୍ତି।

## ମୀରାବାଇ କଳା ବିକାଶ କେନ୍ଦ୍ର ପକ୍ଷରୁ ଗୀତିନାଟ୍ୟ ପରିବେଷଣ





ଢେଙ୍କାନାଳ,୫ା୧୦(ରତନ ନାୟାର)

ଢେଙ୍କାନାଳ ଗୋପବନ୍ଧୁ ଟାଉନ ହଲଠାରେ ଭୁବନର ମୀରାବାଇ କଳା ବିକାଶ କେନ୍ଦ୍ର ପକ୍ଷରୁ ଶହୀଦ ବାଜିରାଉତଙ୍କ ଜୟନ୍ତୀ ଶନିବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ପୌର ଅଧକ୍ଷା ଜୟନ୍ତୀ ପାତ୍ର ଓ ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ପାତ୍ର କହିଲେ ଯେ, ବାଜିରାଉତଙ୍କ ବଳିଦାନରୁ ଆମେ ଶିଖିଲେ ଯେ, ବେଶୀ ଦିନ ବଞ୍ଚିବା ଅପେକ୍ଷା । କମ୍ ସମୟ ଭିତରେ କିଛି ଭଲ କାମ କରିବାକୁ ପଡିବ । ଢେଙ୍କାନାଳର ବାଜିଚୌକଠାରେ ଏକ ବିଶାଳ ବାଜି ରାଉତଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବ। ଏଥିସହିତ କଳା ସଂସ୍କୃତିର ବିକାଶ ପାଇଁ ଟାଉନହଲର ନବକଳେବର କରାଯାଇ ଏକ ବିଶାଳ ସାଂସ୍କୃତିକ କେନ୍ଦ୍ରରେ ପରିଣତ କରିବାକୁ ଏହା ମୋର ପ୍ରତିଶ୍ରୁତି ବୋଲି ମନ୍ତ୍ରୀ କହିଥିଲେ । ଏହି ଅବସରରେ ଅନୁଷ୍ଠାନର କଳାକାରମାନେ ନାଟକ 'ବାଜି ରାଉତ' ପରିବେଷଣ କରିଥିଲେ। କଳା ସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ମୀରାବାଇ କଳା ବିକାଶ କେନ୍ଦ୍ରର ସମ୍ପାଦକ ଭଗବାନ ଗୁରୁ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଅବସରରେ ଶିଳ୍ପୀ ପରେଶଚନ୍ଦ୍ର ପଟ୍ଟନାୟକ, କବି ବାହାଦୁର ପାଟସାହାଣୀ, ନିବେଦିତା ରଥ ଓ ରାଧାନାଥଙ୍କ ସଂଯୋଜନାରେ ଏକ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।

## ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଆଲୁମ୍‌ନି କମିଟି ଗଠନ

କାମାକ୍ଷାନଗର, ୫ା୧୦
(ସୁଧୀର କୁମାର ପରିଡ଼ା)

କଙ୍କଡାହାଡ଼ ବ୍ଲକ ମରୁଆବିଲ ପଞ୍ଚାୟତ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ମରୁଆବିଲଠାରେ ଆଲୁମ୍‌ନି କମିଟି ଗଠନ ପାଇଁ ବୈଠକ ଅନୁଷ୍ଠିତ ହୋଇଥିଲା। ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପୁରାତନ ଛାତ୍ରୀଛାତ୍ରମାନେ ସର୍ବ ସମ୍ମତିକ୍ରମେ ଆଲୁମନି କମିଟି ଗଠନ କରିଥିଲେ। ସଭାପତି ଭାବେ ବୃନ୍ଦାବନ ସେଠି ମନୋନୀତ ହୋଇଥିଲେ। ସଦସ୍ୟ ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ସେଠୀ, ବିଦ୍ୟାଳୟର ଛାତ୍ର ପ୍ରତିରଞ୍ଜନ ମହାନ୍ତ, ଛାତ୍ରୀ ପ୍ରକାଶିନୀ ବେହେରା, ବିଦ୍ୟାଳୟର ପୁରାତନ ଛାତ୍ର ଅଜୟ କୁମାର ସାହୁ, ନରେଶ ପଧାନ, ମନମୋହନ ବାରିକ, ବଳରାମ ମହାପାତ୍ର, ବିକାଶ ଚନ୍ଦ୍ର ସାହୁ ଚୟନ ହୋଇଥିଲେ। କମିଟିର ସଭାପତି ବୃନ୍ଦାବନ ସେଠି କହିଛନ୍ତି ବିଦ୍ୟାଳୟର ଉନ୍ନତିମୂଳକ କାମ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ଉପରେ ଆଲୁମ୍‌ନି କମିଟି କାମ କରିବ।

## ଶହୀଦ ବାଜି ରାଉତଙ୍କ ଜୟନ୍ତୀ ପାଳିତ



ଭୁବନ, ୫ା୧୦ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ମହୁଲପାଳ ପଞ୍ଚାୟତ ନିଳକଣ୍ଠପୁରଠାରେ ଶନିବାର ଭାରତର ସର୍ବକନିଷ୍ଠ ଶହୀଦ ବୀର ବାଜି ରାଉତଙ୍କ ସ୍ମୃତିପୀଠରେ ତାଙ୍କର ଜୟନ୍ତୀ ପାଳନ କରାଯାଇଛି। ବାଜି ରାଉତ ୧୯୨୬ ମସିହା ଅକ୍ଟୋବର ୫ ତାରିଖ ଦିନ ଏହି ଗ୍ରାମରେ ଜନ୍ମଗ୍ରହଣ କରି ଦେଶ ପାଇଁ ନିଜକୁ ଉତ୍ସର୍ଗ କରିଥିଲେ। ଇଂରେଜମାନଙ୍କୁ ବିରୋଧ କରି ଗୁଳିରେ ସେ ଟଳିପଡିଥିଲେ। ସେ ନିଜ ଗ୍ରାମ ନୀଳକଣ୍ଠପୁରଠାରେ ଗୋରା ଫୌଜମାନଙ୍କୁ ନଦୀ ପାର ପାଇଁ ବିରୋଧ କରିଥିଲେ। ସେତେବେଳେ ତାଙ୍କର ବୟସ ୧୨ ବର୍ଷ ହୋଇଥିଲା। ତାଙ୍କ ସହିତ ୫ ଜଣ ସାଥି ମଧ୍ୟ ଶହୀଦ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ବାଜିସେନାର ବରିଷ୍ଠ ଉପଦେଷ୍ଟା ଲଳିତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ମୁର୍ଦ୍ଦନା ପଞ୍ଚାୟତର ପୂର୍ବତନ ସରପଞ୍ଚ ଚୈତନ୍ୟ ବେହେରା, ବାଜି ରାଉତ ସ୍ମୃତି ପରିଷଦର ସଦସ୍ୟ ଅଜୟ ଘୋଷ, ବିଶ୍ୱଜିତ ଓଝା, ବିପନ କୁମାର ସାହୁ, ବେଣୁଧର ପ୍ରଧାନଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ବାଜି ରାଉତଙ୍କ ପୁତୁରା କୁଳମଣି ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଯାଜପୁର ଜିଲା ବାଜି ରାଉତ ସଂସଦର ସମସ୍ତ କର୍ମକର୍ତ୍ତା ଯୋଗଦେଇ ତାଙ୍କ ଉଦ୍ଦେଶ୍ୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ସେହିପରି ବାଜି ରାଉତ ସ୍ମୃତି ମହାବିଦ୍ୟାଳୟରେ ତାଙ୍କର ଜୟନ୍ତୀ ପାଳନ କରାଯାଇଥିଲା। ସେଥିରେ କଲେଜ ଅଧକ୍ଷ ଅଜିତ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ କଲେଜର ସମସ୍ତ ଅଧ୍ୟକ୍ଷ ଯୋଗଦେଇଥିଲେ। ସେଥିରେ ବାଜି ରାଉତଙ୍କ ଜୀବନୀ ଉପରେ ଏକ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି



ପରଜଙ୍ଗ, ୫ା୧୦
(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ବସୋଇ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ରତ୍ନପୁର ଉ.ପ୍ରା ବିଦ୍ୟାଳୟଠାରେ ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ବକ୍ତୃତା, ଓଡ଼ିଆ ହସ୍ତାକ୍ଷର, ସ୍ମୃତ ଲିଖନ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ, ସଂଗୀତ କାର୍ଯ୍ୟକ୍ରମ, ପି.ଏମ ପୋଷଣ ଚିତ୍ରକଳା, ପି.ଏମ ପୋଷଣ ଶିଳ୍ପ କଳା ଇତ୍ୟାଦି ପ୍ରତିଯୋଗିତା ହୋଇଥିଲା। ତେବେ କିଭଳି ଶିଶୁ ମାନଙ୍କର ପୂର୍ଣ୍ଣାଙ୍ଗ ବିକାଶ ହେବ କ୍ଲଷ୍ଟର, ବ୍ଲକ ଓ ଜିଲାରେ ପିଲାମାନଙ୍କୁ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ମନୋନୀତ କୃତୀ ପ୍ରତିଯୋଗୀମାନଙ୍କୁ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଭାଗ ନେବାରୁ ସୁଯୋଗ ଦିଆଯିବ। ଏହି କାର୍ଯ୍ୟକ୍ରମ କ୍ଲଷ୍ଟର, ବ୍ଲକ, ଜିଲାରେ ଗୋଟିଏ ଦିନ ଲେଖାଏଁ ଆୟୋଜନ କରିବାକୁ ସ୍ଥିର କରାଯାଇଛି। ସିଆରସି ସୁମେନ୍ଦ୍ର ମହାପାତ୍ର, ଏବିଇଓ ତରଣୀ କୁମାର ସାହୁ, ସରୋଜ କୁମାର ସାହୁ, ଲଳିତ କୁମାର ବିଶ୍ୱାଳ,ସତ୍ୟବ୍ରତ ସେଠୀ, ଚନ୍ଦନେଶ୍ୱର ବେହେରା, କାର୍ତ୍ତିକେଶ୍ୱର ବେହେରା, ଗିରିଶ ଚନ୍ଦ୍ର ମାଟିଆ, ଅଧାପିକା ମିନତୀ ସେଠୀ, ଅଶାନ୍ତି ସ୍ୱାଇଁ, ରମେଶ ଚନ୍ଦ୍ର ମାର୍ଥା, ତ୍ରିଲୋଚନ ସାହୁ, ଭଗବାନ ସାହୁ, ଅବସରପ୍ରାପ୍ତ ଖେଳ ଶିକ୍ଷକ, ସତ୍ୟବ୍ରତ ସାହୁ, ପଙ୍କଜ ବାରିକ, ପ୍ରଶାନ୍ତ ସାହୁ, ବୈଶାଖୁ ମୁଣ୍ଡା ଏବଂ ଯୋଗଲେଶ୍ୱର ସାହୁ ଉପସ୍ଥିତ ଥିଲେ। ଶେଷରେ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ହାସଲ କରିଥିବା ପିଲାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ବିଶ୍ୱମାତା କ୍ରିକେଟ ଟୁର୍ନାମେଣ୍ଟ: ଗଡ଼ପଳାଶୁଣି ଚାମ୍ପିୟନ



କାମାକ୍ଷାନଗର,୫ା୧୦
(ସୁଧୀର କୁମାରା ପରିଡ଼ା)

କଙ୍କଡାହାଡ଼ ବ୍ଲକ ଦଶିପୁର ପଞ୍ଚାୟତ ଅନ୍ତର୍ଗତ କୁସୁମୁଣ୍ଡିଆ ଗ୍ରାମ ଖେଳପଡିଆଠାରେ ବିଶ୍ୱମାତା କ୍ରିକେଟ କ୍ଲବ ଆନୁକୂଲ୍ୟରେ ୧୨ତମ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଭାଗ ନେଇଥିଲେ। ଗଡ଼ପଳାଶୁଣି କ୍ରିକେଟ ଦଳ ଓ ଦଶିପୁର କ୍ରିକେଟ ଦଳ ମଧ୍ୟରେ ଉଦ୍‌ଯାପନୀ ଖେଳ ଅନୁଷ୍ଠିତ ହୋଇଥିଲା। ଦଶିପୁର କ୍ରିକେଟ ଦଳ ପ୍ରଥମେ ବ୍ୟାଟିଂ କରି ୮ଓଭରରେ ୪୯ ରନ କରିଥିଲା। ଗଡ଼ପଳାଶୁଣି ଦଳ ୭ ଓଭରରେ ୫୦ ରନ କର ଚାମ୍ପିଅନ ହୋଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଲିପୁନ ଜେନା, ମ୍ୟାନ ଅଫ ଦି ସିରିଜ ସିପୁନ କୁମାର, ଶ୍ରେଷ୍ଟ ବ୍ୟାଟସମ୍ୟାନ ଲିଙ୍କନ ନାୟକ ବିବେଚିତ ହୋଇଥିଲେ। ମୁଖ୍ୟ ଅତିଥି ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନଙ୍କ ପୁତ୍ର ପିୟୁସ ବର୍ଦ୍ଧନ ପ୍ରଧାନ ଯୋଗଦେଇ ଉଭୟ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଦଶିପୁର ସରପଞ୍ଚ ସୁଧୀର ପାଳ, କଙ୍କଡାହାଡ଼ ବ୍ଲକ ସାମ୍ବାଦିକ ସଂଘ ସଭାପତି ରାଜେଶ କୁମାର ଦେହୁରି ଉପସ୍ଥିତ ଥିଲେ। ସ୍କୋରର ଦାୟିତ୍ୱରେ ଲିକୁ ସାହୁ, ଲାଲା ପରିଡା, କାଳିଆ ବିଶ୍ୱାଳ ରହିଥିଲେ। ଧାରାବିବରଣୀ ପ୍ରଦାନ କରିଥିଲେ ଅମିତ ରୋଷଣ ଗଡ଼ନାୟକ। ଡ୍ୟାମ୍ପିଙ୍ଗ ଅମ୍ପାୟାର ବବୁଲ ସାହୁ, ପିଣ୍ଟୁ ନାଥ ଖେଳ ପରିଚାଳନା କରିଥିଲେ। ବିଶ୍ୱମାତା କ୍ରିକେଟ କ୍ଲବର ମ୍ୟାନେଜର ନିତ୍ୟାନନ୍ଦ ବିଶ୍ୱାଳ, ସଭାପତି ହିମାଂଶୁ ସାହୁ, ରାକେଶ ସାହୁ, ବିକାଶ ସାହୁ, ବିଭୂତି ବିଶ୍ୱାଳ, କୁନା ସାହୁ, ରମଣ ସାହୁ, ପେସ୍କାର ବିଶ୍ୱାଳ, ସୁମନ୍ତ ବିଶ୍ୱାଳ, ହେମନ୍ତ ସାହୁ, ଲିଲୁ ସାହୁ ସହିତ ଟିମର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଡ୍ରାଗନ କ୍ଲବ ଦୁଦୁରକୋଟ ସେମିରେ



ଶନିବାର ଅନୁଷ୍ଠିତ ମ୍ୟାଚର ଖେଳାଳିମାନେ।

**ଆନ୍ତଃକ୍ଲବ ଫୁଟବଲ ପ୍ରତିଯୋଗିତା**

ଢେଙ୍କାନାଳ,୫ା୧୦(ରତନ ନାୟାର)

ଢେଙ୍କାନାଳ ଷ୍ଟାଡିୟମଠାରେ ଜିଲା କ୍ରୀଡା ସଂଘ ପକ୍ଷରୁ ଆୟୋଜିତ ଆନ୍ତଃକ୍ଲବ ଫୁଟବଲ ପ୍ରତିଯୋଗିତାର ଶନିବାର ମ୍ୟାଚ ପପୁଲାର କ୍ଲବ ନରଣପୁର ଓ ଡ୍ରାଗନ କ୍ଲବ ଦୁଦୁରକୋଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଦୁଦୁରକୋଟ ଦଳ, ନରଣପୁର ଦଳକୁ ୧୦-୯ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା । ଖେଳ ଶେଷ ସୁଦ୍ଧା ଉଭୟ ଦଳ ୧-୧ ଗୋଲ ଦେଇ ମ୍ୟାଚ ଡ୍ର' ରହିଥିଲା । ଟାଇବ୍ରେକର ଜରିଆରେ ଦୁଦୁରକୋଟ ଦଳ ୧୦-୯ ଗୋଲରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଥିଲା । ରେଫରୀ ଭାବେ ଅନିଲ ନନ୍ଦ, ବୋନସନ ବରାଳ, ମନୋଜ ସେଠି, ଅମୂଲ୍ୟ ସାମଲ ଓ ମ୍ୟାଚ କମିଶନର ଭାବେ ମାୟାଧର ସାହୁ ରହିଥିଲେ । ଘୋଷକ ଭାବେ ପ୍ରେମାନନ୍ଦ ମହନ୍ତ ଓ ପର୍ଶୁରାମ ମିଶ୍ର ରହିଥିଲେ । ମୁଖ୍ୟ ଅତିଥି ଭାବେ ରିଲାଏନ୍ସ ରିଟେଲର ବ୍ୟବସାୟୀକ ମୁଖ୍ୟ ପର୍ଶୁରାମ ପଣ୍ଡା, ସମ୍ମାନିତ ଅତିଥି ଭାବେ ପୂର୍ବତନ ଖେଳାଳି ଶ୍ୟାମସୁନ୍ଦର ମହାପାତ୍ର ଓ ସୁଶାନ୍ତ ଜେନା ଯୋଗ ଦେଇଥିଲେ । ରବିବାର ପ୍ରଥମ ସେମିଫାଇନାଲ ଡ୍ରାଗନ କ୍ଲବ ଦୁଦୁରକୋଟ ଓ ସପ୍ତଶଯ୍ୟା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି ।

## ୯୫ହଜାର ଚାଷୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ହସ୍ତାନ୍ତର

**ପିଏମ୍ କିଷାନ ଯୋଜନାର ଜିଲାସ୍ତରୀୟ କାର୍ଯ୍ୟକ୍ରମ**

ଢେଙ୍କାନାଳ,୫ା୧୦(ରତନ ନାୟାର)



ଢେଙ୍କାନାଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ପିଏମ୍ କିଷାନ ଯୋଜନାର ଜିଲାସ୍ତରୀୟ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ କହିଲେ, କୃଷି ଏକ ଲାଭଜନକ ବ୍ୟବସାୟ। କେନ୍ଦ୍ର ଓ ରାଜ୍ୟ ସରକାର କୃଷି ଓ କୃଷକମାନଙ୍କ କଲ୍ୟାଣ ପାଇଁ ଯୋଜନାମାନ ପ୍ରଣୟନ କରୁଛନ୍ତି। ଯୁବପିଢି ବର୍ତ୍ତମାନ ଚାଷକାର୍ଯ୍ୟ କରି ଲାଭବାନ ହେଉଛନ୍ତି ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଚାଷୀ ଭାଇଭଉଣୀମାନେ ମହାରାଷ୍ଟ୍ରର ୱାସିମ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆୟୋଜିତ ପିଏମ୍ କିଷାନ ସମାରୋହର ସିଧା ପ୍ରସାରଣ ଦେଖିଥିଲେ । ଢେଙ୍କାନାଳ ଜିଲାର ୯୫ହଜାର ଚାଷୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ହସ୍ତାନ୍ତର ହୋଇଛି ବୋଲି ସୂଚନା ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ପୌର ଅଧକ୍ଷା ଜୟନ୍ତୀ ପାତ୍ର, ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏମ୍‌ପିଙ୍କ ପ୍ରତିନିଧି ମାତୃପ୍ରସାଦ ନନ୍ଦ ପ୍ରମୁକ ଉପସ୍ଥିତ ଥିଲେ । ଜିଲା ମୁଖ୍ୟ କୃଷି ଅଧିକାରୀ ସୁବ୍ରତ ପାଢୀ ସ୍ୱାଗତ ଭାଷଣ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ବିମଳେନ୍ଦୁ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। କୃଷି ଅଧିକାରୀ ଶିବ ନାରାୟଣ ସିଂ ସଭା କାର୍ଯ୍ୟକୁ ପରିଚାଳନା କରିଥିଲେ।

